## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଗଞ୍ଜାମ ଚାମ୍ବର ଅଫ କମର୍ସ ବୈଠକ ସ୍ଥାନ-ଟାଉନ ହଲ,ସମୟ-ପୂର୍ବାହ୍ନ ୧୧ଟା।
- ଭାଜପା ଆସ୍କା ରୋଡ ମଣ୍ଡଳର ସମ୍ମିଳନୀ, ସ୍ଥାନ-ଶାର୍ଗୁଣା ସାହି,ସମୟ-ଅପରାହ୍ନ ୧ଟା।

## ସଂକ୍ଷେପରେ

### ସୂର୍ଯ୍ୟକାନ୍ତ ହେଲେ ନଗର ସଭାପତି

ଜି.ଉଦୟଗିରି,୯।୯(ପି ସଞ୍ଜୀବ କୁମାର ପାତ୍ର)

ଆଗକୁ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ କଂଗ୍ରେସ କମିଟି ଅନୁମୋଦନ କ୍ରମେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର କଂଗ୍ରେସ ସଭାପତି ଭାବେ ସୂର୍ଯ୍ୟକାନ୍ତ ନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସୂର୍ଯ୍ୟକାନ୍ତ ସଭାପତି ହେବା ପରେ ଜି.ଉଦୟଗିରି କଂଗ୍ରେସ ଦଳରେ ଖୁସିର ଲହରି ଖେଳିଯାଇଥିବା ବେଳେ ସେ ଜିଲା କଂଗ୍ରେସ ସଭାପତି ଅନାମ ନାୟକ, ପୂର୍ବତନ କଂଗ୍ରେସ ବିଧାୟିକା ଅଜୟନ୍ତୀ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଠିକ ସେହିପରି ବ୍ଲକ ସଭାପତି ଭାବେ ପୂର୍ବରୁ ସଭାପତି ଥିବା ସଦାନନ୍ଦ ନାୟକଙ୍କ ପଦବୀ କାୟମ ରଖିଛନ୍ତି।

### ଏମ୍‌ପିଙ୍କ ପ୍ରକଳ୍ପର ଭିତ୍ତିପ୍ରସ୍ତର

କୋଟଗଡ,୯।୯(ସରୋଜ ବଳିୟାରସିଂ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ଶନିବାର କୋଟଗଡ଼ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଉଦ୍‌ଘାଟନ କରିଛନ୍ତି । ପ୍ରଥମେ କୋଲନି ସାହି ରାସ୍ତା କଡ଼ରେ ଥିବା ମହାବୀର ମନ୍ଦିର, ଜଗନ୍ନାଥ ମନ୍ଦିର, ମା ମାଣିକେଶ୍ୱରୀ ମନ୍ଦିର, ହନୁମାନ ମନ୍ଦିର ଆଦିବାସୀ ଗୋଷ୍ଠୀ ଗୃହ ଭିତ୍ତିପ୍ରସ୍ତ ଉଦ୍‌ଘାଟନ କରିବାପରେ ବ୍ଲକ ପରିସରରେ ମିଶନ ଶକ୍ତି ଗୃହଠାରେ ସେଲେଇ ମିସିନ ଶୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସମେତ ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ରାଜ୍ୟ ଆଦିବାସୀ ଉପଦେଷ୍ଟା ପ୍ରଦୀପ ମାଝୀ ଜିଲା ପରିଷଧ ଅଧ୍ୟକ୍ଷା ନନ୍ଦନି ମଲିକ ଜିଲା ଅଧ୍ୟକ୍ଷ ରୁଦନ ମଲିକ ଜିଲା ସଭାନେତ୍ରୀ ପୁନମ କହଁର ବ୍ଲକ ସଭାପତି ଷ୍ଟିପେନ ପ୍ରଧାନ, କନ୍ଧମାଳ ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ରଞ୍ଜିତ ଓ କୋଟଗଡ ବ୍ଲକର ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ଚୋରି ସାମଗ୍ରୀ ଉଦ୍ଧାର, ୫ କୋର୍ଟ ଚାଲାଣ

କବିସୂର୍ଯ୍ୟନଗର,୯।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ମୋରାବାଈ ନିର୍ମଳ ସାହୁଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ଶନିବାର ୫ ଜଣଙ୍କୁ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଶେରଗଡ଼ ବ୍ଲକ ବରମୁଣ୍ଡୁଳି ଗ୍ରାମର ଯୋଗେଶ ଯାନୀ, ବାପା ପ୍ରଫୁଲ ଯାନୀ, ମା ବାଉଁରାଣୀ ଯାନୀ, ମାଉସୀ ରଶ୍ମିତା ନାୟକ ଓ ମାଇଁ । ନିର୍ମଳ ସାହୁଙ୍କ ଘରେ ଦୀର୍ଘ ୫ବର୍ଷ ହେଲା ଶେରଗଡ଼ର ବରମୁଣ୍ଡୁଳି ଗ୍ରାମର ଯୋଗେଶ କାମ କରୁଥିଲେ। ନିର୍ମଳଙ୍କ ମା'ଙ୍କ ସେବାରେ ବିଶେଷ ନିୟୋଜିତ ଥିଲା। ଗତ ୫ତାରିଖରେ ଯୋଗେଶ ତାଙ୍କ ଅଲମିରାରୁ ୧୭ଲକ୍ଷ ଟଙ୍କା, ରୁପା ପ୍ରାୟ ୫କେଜି ଚୋରି କରି ନେଇଯାଇଥିଲା। ଏନେଇ ନିର୍ମଳ ସାହୁ ଥାନାରେ ଏତଲା ଦେଇଥିଲେ। କବିସୂର୍ଯ୍ୟନଗର ପୋଲିସ ଶନିବାର ଚୋରି ହୋଇଥିବା ୭ଲକ୍ଷଟଙ୍କା ସହ ରୁପା ସାମଗ୍ରୀ ଜବତ କରି ନିର୍ମଳ ସାହୁଙ୍କୁ ହସ୍ତାନ୍ତର କରିଛି।

# ଗାଁ ଦାଣ୍ଡରେ ଯୁବକଙ୍କୁ ହତ୍ୟା

ଆସିକା,୯।୯ (ସୁରେନ୍ଦ୍ର ନାଥ ସାହୁ)

**ମାଛଧରାକୁ ନେଇ ସବର୍ଣ୍ଣ ଅସବର୍ଣ୍ଣ ତିକ୍ତତା**

ଗଞ୍ଜାମ ଜିଲା କୋଦିନଡା ଥାନା ଅନ୍ତର୍ଗତ ହରିଡାପଦର ବ୍ରାହ୍ମଣ ସାହିରେ ସବର୍ଣ୍ଣ ଅସବର୍ଣ୍ଣ ତିକ୍ତତା ନେଇ ଶନିବାର ସେହି ଗ୍ରାମର ସଞ୍ଜୟ ନାୟକ (୨୨)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ପରେ ଅଭିଯୁକ୍ତ ନିକଟସ୍ଥ କବିସୂର୍ଯ୍ୟନଗର ଥାନାରେ ଆତ୍ମ ସମର୍ପଣ କରିଥିବା ବେଳେ ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ହତ୍ୟାକାଣ୍ଡ ପରେ ଶାନ୍ତ ରକ୍ଷା ଲାଗି ଗ୍ରାମରେ ସଶସ୍ତ୍ର ପୋଲିସ ପଇଁତରାକୁ କଡାକଡି କରାଯାଇଛି । ସୂଚନା ଯୋଗ୍ୟ, ହରିଡାପଦର ଗ୍ରାମରେ ଥିବା ସରବନ୍ଧରୁ ମାଛ ଧରାକୁ କେନ୍ଦ୍ର କରି ସେହି ଗ୍ରାମର ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ପରିସ୍ଥିତିର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ପୋଲିସ ପକ୍ଷରୁ ଏକାଧିକବାର ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଡକାଇ ଆପୋଷ ଆଲୋଚନା କରାଯାଇଥିଲା। ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ସଞ୍ଜୟ ଓ ତାଙ୍କ ସହଯୋଗୀମାନେ ସଂଘବଦ୍ଧ ଭାବେ ଅଭିଯୁକ୍ତଙ୍କ ଘର ପାଖକୁ ଯାଇ ଧମକ ଚମକ ଦେଇ ଆସୁଥିଲା ବେଳେ ଶନିବାର ଏହା ଉଗ୍ରରୂପ ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତ ଜଣକ ସଞ୍ଜୟଙ୍କ ମୁଣ୍ଡ, ମୁହଁ, ହାତ ଆଦି ସ୍ଥାନକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ସେ ଟଳି ପଡିଥିଲେ। ଆସିକା ଏସ୍‌ଡିପିଓ ଉମା ଶଙ୍କର ସିଂ, ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା, ଆସିକା ଥାନା ଅଧିକାରୀ ସ୍ୱରୂପ କିଶନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ମୃତକଙ୍କ ଭଉଣୀଙ୍କ ଏତଲା କ୍ରମେ କୋଦିନଡା ଥାନାରେ ନଂ.୨୫୩/୨୩ରେ ଏକ ମାମଲା ରୁଜୁ କରାଯାଇଛି।

## ନିଶ୍ଚେତକ ବିଭାଗ କର୍ମଶାଳା
# ସାମିଲ ହେଲେ ପୂର୍ବାଞ୍ଚଳର ୫ଶହ ଡାକ୍ତର

ବ୍ରହ୍ମପୁର,୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜର ଗୋଲଡେନ ଜୁବଲି ହଲ୍ ଠାରେ ନିଶ୍ଚେତକ ବିଭାଗର ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୮ତାରିଖରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାର ପ୍ରଥମ ଦିନରେ ରାଜ୍ୟର ବଛା ବଛା ନିଶ୍ଚେତକ ବିଶେଷଜ୍ଞମାନେ ଯୋଗଦେଇ ବିଭିନ୍ନ ବିଷୟର ପ୍ରୟୋଗାତ୍ମକ ଢଙ୍ଗରେ ବୁଝାଇଥିଲେ। ନିଶ୍ଚେତକ ବିଶେଷଜ୍ଞ ଡ.ରାଜେନ୍ଦ୍ର ସାହୁ ରିଜୋନାଲ ଆନେସ୍ଥେସିଆ ସମ୍ପର୍କରେ ବୁଝାଇଥିବା ବେଳେ ଡ.ସମୀର ସାମଲ ମେକାନିକାଲ ଭେଣ୍ଟିଲେସନ୍, ଡ.ରେଖା ଦାଶ ଏୟାର ୱେ ମ୍ୟାନେଜମେଣ୍ଟ ଏବଂ ଡ.ସତ୍ୟଜିତ ମିଶ୍ର ହେମୋଡାଇନାମିକ୍ ମନିଟରିଂ ସମ୍ପର୍କରେ ବୁଝାଇଥିଲେ। ସେହିପରି ଦ୍ୱିତୀୟ ଦିନରେ ପୂର୍ବାଞ୍ଚଳ ବିଭିନ୍ନ ରାଜ୍ୟର ପ୍ରତିଷ୍ଠିତ ନିଶ୍ଚେତକ ବିଶେଷଜ୍ଞମାନେ ଯୋଗଦେଇ ବିଭିନ୍ନ ଭିଷୟ ସମ୍ପର୍କରେ ବୁଝାଇଥିଲେ। ଏମକେସିଜି ମେଡିକାଲ ନିଶ୍ଚେତକ ବିଭାଗ ମୁଖ୍ୟ ଡ.ପ୍ରମୋଦ ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଣ୍ଡିଆନ ସୋସାଇଟି ଅଫ ଆନେସ୍ଥେସିଆର ଉପସଭାପତି ଡ.ମହେଶ କୁମାର ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଉପାଧ୍ୟକ୍ଷ ପ୍ରଫେସର ଡ.ଦୁର୍ଗା ମାଧବ ଶତପଥୀ ଏବଂ ଅଧୀକ୍ଷକ ପ୍ରଫେସର ଡ.ସୁଚିତ୍ରା ଦାସ ଯୋଗଦେଇଥିଲେ। ଏଥିରେ ଇଣ୍ଡିଆନ ସୋସାଇଟି ଅଫ ଆନେସ୍ଥେସିଆର ସଭାପତି ଡ.ତ୍ରୈଲୋକ୍ୟନାଥ ମିଶ୍ର ପାଟ୍ରନ ଡ.ହରିହର ପଟ୍ଟନାୟକ, ଇଣ୍ଡିଆନ ସୋସାଇଟି ଅଫ ଆନେସ୍ଥେସିଆର ଓଡିଶା ରାଜ୍ୟ ସଂପାଦକ ଡ.ପ୍ରଦୀପ ଦାଶ, ପରିଚାଳନା କମିଟି ସଦସ୍ୟ ପ୍ରଫେସର ଡ.ରେଖା ଦାଶ, କୋଷାଧ୍ୟକ୍ଷ ଡ.ମନୋଜ କୁମାର ପ୍ରମୁଖ ଯୋଗଦେଇ ନିଶ୍ଚେତକ ବ୍ୟବହାର ସମ୍ପର୍କରେ ନିଜ ମତପୋଷଣ କରିଥିଲେ। ଶେଷରେ ସାଂଗଠନିକ ସମ୍ପାଦକ ଡ.ସଞ୍ଜୀବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁଗ୍ମ ସାଂଗଠନିକ ସଂପାଦକ ଡ.ଜଗଦୀପ ନାୟକ ଏବଂ ଡ.ଅନୁପ କୁମାର ହରିଚନ୍ଦନ ସହଯୋଗ କରିଥିଲେ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ଆର.ଉଦୟଗିରି,୯।୯(ମନୋଜ କୁମାର ପାଢୀ)

ଶନିବାର ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ମହେନ୍ଦ୍ରଗଡ଼, ସରକାରୀ ଉଚ୍ଚ ବିଦ୍ୟାଳୟ ଛେଳିଗଡ଼ ଓ ସରକାରୀ ଉଚ୍ଚ ବିଦ୍ୟାଳୟ କେ. ଏମ. ଭାଲିଆ ସାହିଠାରେ ବିଦ୍ୟାଳୟ ସ୍ତରୀୟ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସମ୍ବଳ ସାଧନ କର୍ମୀ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଜିଲା ଜେଆରସିଓ ସଞ୍ଜୀବ କୁମାର ଦାସ ଓ ସମ୍ବଳ ସାଧନ କର୍ମୀ ପ୍ରହ୍ଲାଦ ଶିଅଳ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଦ୍ଧାର୍ଥ ଶଙ୍କର ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପୁନଶ୍ଚ ସରକାରୀ ଉଚ୍ଚ ବିଦ୍ୟାଳୟ ଛେଳିଗଡ଼ଠାରେ ଆୟୋଜିତ ଶିବିରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେ. ଭେଙ୍କଟରମଣଙ୍କ ସଭାପତିତ୍ୱରେ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଏବଂ ବନମାଳୀ ବଡରଇତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁବାସ ଚନ୍ଦ୍ର ସାହୁ, ସଞ୍ଜୀବ କୁମାର ଦାସ ଓ ପ୍ରହ୍ଲାଦ ଶିଅଳ ଆଦି ସମ୍ବଳ ସାଧନ କର୍ମୀ ମାନେ ପ୍ରାଥମିକ ଚିକିତ୍ସା ଓ ତାହାର ବିଭିନ୍ନ କୌଶଳମାନ ପ୍ରଦର୍ଶନ କରିଥିଲେ। ଉକ୍ତ ଦିବସର ଶେଷ ପର୍ଯ୍ୟାୟରେ କେ. ଏମ. ଭାଲିଆ ସାହିଠାରେ ଆୟୋଜିତ ହୋଇଥିବା ଶିବିରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ସଭାପତିତ୍ୱରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ଉପସ୍ଥିତରେ ସୁବାସ ଚନ୍ଦ୍ର ସାହୁ, ସଂଜୀବ କୁମାର ଦାସ ଓ ପ୍ରହ୍ଲାଦ ଶିଅଳ ଆଦି ସମ୍ବଳ ସାଧନ କର୍ମୀ ମାନେ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ପ୍ରାଞ୍ଜଳଭାବେ ବୁଝାଇଥିଲେ।

## ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣା
# ୨ ଗିରଫ, ଖଣ୍ଡା ଓ ବାଇକ ଜବତ

ବ୍ରହ୍ମପୁର,୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ୟବସାୟୀ କାଳିଆ ବେହେରାଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ଅଞ୍ଚଳର କାଳିଆ ସାହୁ(୨୩) ଓ ନିରଞ୍ଜନ ବାରିକ ଓରଫ ଭିକି(୨୪)। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା ଓ ବାଇକ ଜବତ କରିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଗଜପତିନଗରର ଡେଙ୍ଗା ପପୁ ଓ ତାର ଦୁଇ ସହଯୋଗୀ ଏବେ ଫେରାର ରହିଥିବା ପୋଲିସ କହିଛି। ଦୁଇମାସ ପୂର୍ବେ ମଦ ପିଇବାକୁ କେନ୍ଦ୍ରକରି କାଳିଆ ବେହେରା ଓ ଡେଙ୍ଗାପପୁ ମଧ୍ୟରେ ଝଗଡା ହୋଇଥିଲା। ଏହାକୁ କେନ୍ଦ୍ରକରି ଡେଙ୍ଗା ପପୁ ତାର ସହଯୋଗୀମାନଙ୍କ ସହାୟତାରେ କାଳିଆ ବେହେରାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ପୋଲିସେ ଶନିବାର ମାମଲା ନମ୍ବର ୩୩୭/୨୩ରେ କୋର୍ଟ ଚାଲାଣ କରିଛି। ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, କାଳିଆ ବେହେରା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନିକଟରେ ଏକ ରାଖୀ ଦୋକାନ କରିଥିଲେ। ଗତ ୩୧ ତାରିଖ ରାତିରେ ସେ ତାଙ୍କର ଜଣେ ସାଙ୍ଗ ଗୌରା ଦାସ ଉକ୍ତ ଦୋକାନରେ ଶୋଇଥିଲେ। ଏକଥା ଜାଣିବା ପରେ ଡେଙ୍ଗା ପପୁ ଓ ତାଙ୍କ ସହଯୋଗୀମାନେ ରାତି ପ୍ରାୟ ୩ଟା ବେଳେ ସେଠାରେ ପହଞ୍ଚି ଆକ୍ରମଣ କରିଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ନିକଟରେ ଥିବା ଗୌରା ଦାସଙ୍କୁ ମଧ୍ୟ ଅପରାଧୀ ମାନେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଅଞ୍ଚଳରେ ଲାଗିଥିବା ସିସି ଟିଭି ଫୁଟେଜ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଘଟଣା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଶୁକ୍ରବାର ରାତ୍ର ଉପରୋକ୍ତ ଦୁଇ ଅଭିଯୁକ୍ତ ଘରକୁ ଆସିଥିବା ଖବର ପାଇ ପୋଲିସ ସେମାନଙ୍କୁ କାବୁ କରିଥିଲା ବୋଲି କହିଛି।

# ବିପଦପୂର୍ଣ୍ଣ ପରିସ୍ଥିତିରେ ରିଲ୍ସ ବନାଉଛନ୍ତି ଛାତ୍ରୀ
## ପୁରୁଣା ଭିଡିଓ କହି ସଫେଇ ଦେଉଛନ୍ତି ଅଧ୍ୟକ୍ଷ

ବ୍ରହ୍ମପୁର,୯।୯(ତନୁଶ୍ରୀ ନାହାକ): ପୂର୍ବରୁ ଟିକ୍‌ଟକ୍ ପରେ ଇନଷ୍ଟାଗ୍ରାମରେ ରିଲ୍ସ ବନାଇ ରାତାରାତି ଫେମ୍ ହେବା ନିଶା ବର୍ତ୍ତମାନ ସମାଜରେ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ରିଲ୍ସ ବନାଇ ଫେମ୍ ହେବା ପାଇଁ କେତେକ ବିପଦପୂର୍ଣ୍ଣ ରାସ୍ତାକୁ ମଧ୍ୟ ଅପଣାଇଥାନ୍ତି। ବ୍ରହ୍ମପୁର ଶଶିଭୁଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ଏହିଭଳି ଏକ ଭିଡ଼ିଓ ସାମ୍ନାକୁ ଆସିଛି। ଭିଡ଼ିଓରେ ୩ଜଣ ଛାତ୍ରୀ ମହାବିଦ୍ୟାଳୟ ମୁଖ୍ୟ କୋଠାର ୪ର୍ଥ ମହଲା ଉପରେ ବିପଦପୂର୍ଣ୍ଣ ପରିସ୍ଥିତିରେ କୋଠାର ଶେଷଭାଗରେ ଡ୍ୟାନ୍ସ କରି ରିଲ୍ସ ବନାଉଥିବା ଦେଖିବାକୁ ମିଳିଛି। ଏହି ଭିଡ଼ିଓରେ୨ଜଣ ଛାତ୍ରୀ ନୃତ୍ୟ କରୁଥିବା ବେଳେ ଅନ୍ୟ ଜଣେ ସହପାଠୀ ଏହାକୁ ନିଜ ମୋବାଇଲରେ ରେକର୍ଡ଼ କରୁଥିବା ଦେଖିବାକୁ ମଳିଛି। ଏହି ଭିଡ଼ିଓ ବର୍ତ୍ତମାନ ସାରା ସହରରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କିନ୍ତୁ ହାଲୁକାଭାବେ ନେଇଛନ୍ତି। ଏହି ଭିଡ଼ିଓଟି ପୁରୁଣା ଭିଡ଼ିଓ କହି ଅଧ୍ୟକ୍ଷ ଡ଼.କାହ୍ନୁଚରଣ ପାଢ଼ୀ କଥା ଏଡ଼ାଇବାକୁ ସମ୍ପୂର୍ଣ୍ଣ ପ୍ରୟାସ କରିଛନ୍ତି। ଅଧ୍ୟକ୍ଷ ଆହୁରି କହିଛନ୍ତି ଯେ, ଭିଡ଼ିଓରେ ଦେଖାଯାଉଥିବା ଛାତ୍ରୀମାନେ ଯୁକ୍ତ୨ ପ୍ରଥମ ବର୍ଷର। ଏମାନଙ୍କୁ



ବାପା ମା' ମୋବାଇଲ ଦେବା କଥା ନୁହଁ। ଅନ୍ୟପଟେ ମହାବିଦ୍ୟାଳୟରେ ଅଧ୍ୟାପିକା ଅଧ୍ୟାପକଙ୍କ ଠାରୁ ଆରମ୍ଭ କରି ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟ ବହୁ ଅଭାବ ରହିଛି। ଏଣୁ ମହାବିଦ୍ୟାଳୟରେ ଗେଷ୍ଟ ଫେକଲଟିରେ କାମଚାଲିଛି। ଏପରି ସ୍ଥଳେ ଛାତ୍ରୀମାନେ କେତେବେଳେ କେଉଁଠି କ'ଣ କରୁଛନ୍ତି ଅହରହ ତାର ଅନୁଧ୍ୟାନ କରିବା ସମ୍ଭବ ପର ହେଉନାହିଁ। ଭିଡ଼ିଓ ଭାଇରାଲ ପରେ ୪ର୍ଥ ମହଲା ଛାତକୁ ଯାଉଥିବା ରାସ୍ତାର ଗେଟରେ ତାଲା ପକାଯିବା ସହ ଛାତ୍ରୀଙ୍କୁ ଛାତ ଉପରକୁ ଯିବାକୁ ନିଷାଧାଦେଶ ଜାରି କରାଯାଇଛି।

# ନିଷ୍ଟରେ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଉଦ୍‌ଯାପିତ




ବ୍ରହ୍ମପୁର/ଗୋପାଳପୁର, ୯।୯ (ସ୍ମିତିରଞ୍ଜନ ମହାଳିକ/ନବୀନ ରାଜ ଆଚାରୀ): ନିଷ୍ଟ କଲେଜ ପରିସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାଗତ କରିବା ପାଇଁ ଅନୁଷ୍ଠିତ ହୋଇଥିବା ୨ ଦିନିଆ ଓରିଏଣ୍ଟେସନ ଶନିବାର ଉଦଯାପିତ ହୋଇଯାଇଛି। ନିଷ୍ଟର ପ୍ରତିଷ୍ଠାତା ତଥା ଚେୟାରମେନ ଡ. ସୁକାନ୍ତ କିଶୋର ମହାପାତ୍ର ଭିଡିଓ କନଫରେନସିଂ ମାଧ୍ୟମରେ ଯୋଗଦାନ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ବିଷ୍ଣୁଙ୍କର ନାୟକ, ଆଡମିନ ମୁଖ୍ୟ ସୟଦ ସୁଲେମାନ ଅଲି, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସିମାଞ୍ଚଳ ପାଣିଗ୍ରାହୀ, କମ୍ପ୍ୟୁଟର ବିଭାଗ ମୁଖ୍ୟ ବ୍ରଜ କିଶୋର ମିଶ୍ର, ଗଣିତ ବିଭାଗ ମୁଖ୍ୟ ଡ. ଭାସ୍କର ଭୋଳ, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଦୁର୍ଯ୍ୟୋଧନ ସାହୁ, ବିଜ୍ଞାନ ବିଭାଗର ସଂଯୋଜକ ପ୍ରଫେସର ସୁମନ୍ତ ପଟ୍ଟନାୟକ ଓ କମ୍ପ୍ୟୁଟର ବିଭାଗ ସଂଯୋଜକ ପ୍ରଫେସର ରାଜ ବଳିୟାରସିଂ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ହଷ୍ଟେଲ ସୁପରିନଟେଣ୍ଡେଣ୍ଟ ଡ. ସସ୍ମିତା ପାଢି ହଷ୍ଟେଲ ସମ୍ବନ୍ଧୀୟ ବିଭିନ୍ନ ବିବରଣୀ ଉଲ୍ଲେଖ କରି ସମସ୍ତ ସୁବିଧା ଓ ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ନିଯୁକ୍ତି ଓ ଦକ୍ଷତା ମୁଖ୍ୟ ଜଗନ ମହାପାତ୍ର ନିଯୁକ୍ତି ଦକ୍ଷତା ପ୍ରଦାନ ଉପରେ ବିବରଣୀ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ନାୟକ ଅନୁଷ୍ଠାନର ଉଚ୍ଚକୋଟୀର ଶିକ୍ଷା ସହ ମୂଲ୍ୟବୋଧ ଓ ନିଜ ଭବିଷ୍ୟତ ଗଠନ ଉପରେ ଉପଦେଶ ଦିଆଯିବ ବୋଲି କହିଥିଲେ। ଡ. ଏମ ରାଜେନ୍ଦ୍ର କୁମାର, ଡ. ଅମିତ ପଟ୍ଟନାୟକ, ଡ. ମାନବେନ୍ଦ୍ର ପାତ୍ର, ଡ. ରତିକାନ୍ତ ନାୟକ, ଡ଼. ସୁବ୍ରତ କୁମାର ଭୂୟାଁ, ଡ. ପ୍ରୀତି ରଞ୍ଜନ ସାହୁଙ୍କ ସମେତ କଲେଜର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଘୁମୁସର ବାହିନୀର ଜିଲା ଆନ୍ଦୋଳନ ବୈଠକ

ଭଞ୍ଜନଗର,୯।୯(ବାବୁଲା ପ୍ରଧାନ)– ଘୁମୁସର ବାହିନୀ ପକ୍ଷରୁ ଶନିବାର କୁଲାଡ଼ ଜଗନ୍ନାଥ ମନ୍ଦିର ପରିସରରେ ଘୁମୁସର ଜିଲା ଆନ୍ଦୋଳନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଘରକୁ ଘର ବୁଲି ଲୋକଙ୍କୁ ଜିଲା ଆନ୍ଦୋଳନ ସମ୍ପର୍କରେ ସଚେତନତା କରାଯିବା ସହ ପୋଷ୍ଟର ମରାଯିବ। ଏହିଭଳି ଅନେକ ପଦକ୍ଷେପ ନେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଆଇନଜୀବୀ ରାଜେନ୍ଦ୍ର ପ୍ରଧାନ (ରାଜୁ), ଖରାସୁ ଶେଖର ଦାସ, ଲେଖକ ପ୍ରଶାନ୍ତ ମହାନ୍ତି, ଅବସରପ୍ରାପ୍ତ ପ୍ରଫେସର ଶିବରାମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସୋରଡ଼ା, ଧରାକୋଟ, ଜଗନ୍ନାଥ ପ୍ରସାଦ, ବୁଗୁଡ଼ା, ବେଲଗୁଣ୍ଠା, ଭଞ୍ଜନଗର ପ୍ରମୁଖ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ଯୋଗ ଦେଇ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଘୁମୁସର ବାହିନୀର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ୧୧୭ ମାମଲା ଫଇସଲା, ୧.୪୫ କୋଟି ଆଦାୟ

ଆସିକା,୯।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ଅନୁଷ୍ଠିତ ରାଷ୍ଟ୍ରିୟ ଲୋକ ଅଦାଲତରେ ୧୧୭ଟି ମାମଲାର ଫଇସଲା କରାଯାଇ ୧ କୋଟି ୪୫ ଲକ୍ଷ ୧୯ ହଜାର ୪୩ ଟଙ୍କା ଆଦାୟ କରାଯାଇଛି । ସେଥିରୁ କେବଳ ମୋଟର ଯାନ ଦୁର୍ଘଟଣା ଜନିତ ୩୦ଟି ମାମଲାର ଫଇସଲା କରାଯାଇ ୧ କୋଟି ୩୫ ଲକ୍ଷ ୮୧ ହଜାର ଟଙ୍କା ଆଦାୟ ଲାଗି ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୨ଟି ଚେକ ଦେଣନେଣ ମାମଲାରେ ୩ ଲକ୍ଷ ଟଙ୍କା, ୨ ଅର୍ଥ ଆଦାୟ ମାମଲାରେ ୩ ଲକ୍ଷ ୭୪ ହଜାର ଟଙ୍କା ଓ ୧୬ ବିଭିନ୍ନ ଦେୱାନି ମାମଲାର ବିଚାର କରାଯାଇ ୨ ଲକ୍ଷ ୭୪ ହଜାର ୪୩ ଟଙ୍କା ଆଦାୟ କରାଯାଇଛି। ଆସିକା ତାଲୁକା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ପ୍ରବିର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ବରିଷ୍ଠ ଦେୱାନି ଅଦାଲତର ବିଚାରପତି ସୌଦାମିନୀ ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲିଲୀନା ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱେତା ଦାସ ପ୍ରମୁଖ ମାମଲା ପରିଚାଳନା କରିଥିଲେ।

# ମିଶନ ଇନ୍ଦ୍ରଧନୁଷ୍ ପ୍ରସ୍ତୁତି ବୈଠକ

ଧରାକୋଟ,୯।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ସମଗ୍ର ରାଜ୍ୟରେ ଆସନ୍ତା ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଶସକ୍ତୀକରଣ ମିଶନ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୂନରୁ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଚିହ୍ନଟ ସହ ଗର୍ଭବତୀଙ୍କୁ ମଧ୍ୟ ଟିକାକରଣ କରାଯିବ। ଏହି ଅବସରରେ ଧରାକୋଟ ବ୍ଲକ କନ୍‌ଫରେନ୍ସ ହଲ୍‌ରେ ବିଡିଓ ଡେନିସ୍ ବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଏମ୍‌ଭିକେ ଅଶୋକ, ଏବିଡିଓ ସୁଶିଲ ପଟ୍ଟନାୟକ, ସିଡିପିଓ ସୁନିଲ ପ୍ରଭା ରଥ, ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ପ୍ରଦୀପ କୁମାର ଶତପଥୀ, ଉମା ଚରଣ ପାଣିଗ୍ରାହୀ, ବିପିଏମ୍ ଗୋଲକ ନାରାୟଣ ଗାରିଆଗାଡ୍ଡୁ, ବିଡିଏମ୍ ଆଶୁତୋଷ ସାହୁ, ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଞ୍ଜନା ଖଣ୍ଡୁଆଳ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟିମ୍‌ର ଡାକ୍ତର ସଚ୍ଚିଦାନନ୍ଦ ବିଷୋୟୀ, ଡାକ୍ତର ସୁକାନ୍ତ ପାତ୍ର, ମହିଳା ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ଧରାକୋଟ ବ୍ଲକରେ ୯୦ କେନ୍ଦ୍ର ଖୋଲାଯିବ। ସମସ୍ତ ସବ୍‌ସେଣ୍ଟର ଓ ଟିକାକରଣ କେନ୍ଦ୍ରକୁ ଏଥିପାଇଁ ପ୍ରସ୍ତୁତ କରାଯାଇଛି। ଚିହ୍ନଟମାନଙ୍କୁ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଦୁଇଦିନ ପୂର୍ବରୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିବେ।

# ୯ଲକ୍ଷ ୨ହଜାର ୫୯ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ପାରଳାଖେମୁଣ୍ଡି,୯।୯(ଗିରିଧାରୀ ପରିଛା):



ଗଜପତି ଜିଲାରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧୀକରଣ ତରଫରୁ ଅନୁଷ୍ଠିତ ଲୋକ ଅଦାଲତରେ ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାଧୀକରଣ ସଚିବ ରବିନାରାୟଣ ବେହେରା ସହଯୋଗ କରିଥିଲେ। ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ସୁବ୍ରତ ମହାନ୍ତି, ଅତିରିକ୍ତ ଜିଲାଜଜ ପ୍ରଦୀପ କୁମାର ସାମଲ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନରୋତ୍ତମ ସେଠୀ, ସବଜଜ୍ ସନ୍ତୋଷ କୁମାର ଅଗ୍ରୱାଲ, କୋର୍ଟ ରେଜିଷ୍ଟ୍ରାର ସତ୍ୟବ୍ରତ ରାଣା, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରିଣୀ ବିଷ୍ଣୁପ୍ରିୟା ସାମନ୍ତରାୟ ପ୍ରମୁଖ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଆର.ଉଦୟଗିରି କୋର୍ଟରେ ସବଜଜ୍ ପୁଣ୍ୟଶ୍ଳୋକ ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ତରୁଣ କୁମାର ସେଠି, ମୋହନା କୋର୍ଟ ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରୀ ଶୁଭ୍ରଜିତ ବେହେରା ଓ କାଶୀନଗର ଗ୍ରାମ ନ୍ୟାୟାଳୟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରିଣୀ ଅଙ୍କିତା ଗୁରୁ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ସମୁଦାୟ ୭୬୦ କେସ ବିଚାରକୁ ନିଆଯାଇ ୧୦୩ଟି ମାମଲାର ତ୍ୱରିତ ସମାଧାନ କରାଯାଇ ୯ ଲକ୍ଷ ୨ ହଜାର ୫୯ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଉପସ୍ଥିତ ବ୍ୟାଙ୍କମାନେ ୬୧୮କେସରୁ ୫୯ଟି ସମାଧାନ କରି ୫୨୬୦୫୯ ଟଙ୍କା ଜରିମାନା ଆଦାୟ କରିଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ



ଫୁଲବାଣୀ, ୯।୯(ରାକେଶ କୁମାର ରାଉତ)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ ମକଦ୍ଦମା ମାମଲା ଗୁଡ଼ିକ ମଧ୍ୟରୁ ୧୭ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୨୦ ଲକ୍ଷ ୮୮ ହଜାର ୫୦୦ ଟଙ୍କା, ୨୧ଟି ବି.ଏସ୍.ଏନ୍.ଏଲ୍. ମାମଲା ବିଚାର କରାଯାଇ ୨୮ ହଜାର୧୮୬ ଟଙ୍କା ଆଦାୟ କରାଯାଇଛି। ସେହିପରି ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୮ ଗୋଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୧୪ ଲକ୍ଷ ୧୬ ହଜାର ୯୩୪ ଟଙ୍କା, ୫ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୩୫ ଲକ୍ଷ ୬୫ ହଜାର ଟଙ୍କା, ୨୭ ବୈବାହିକ ବିବାଦ ଫଇସଲା କରାଯାଇ ୫ ଲକ୍ଷ ୫୦ ହଜାର ୬୨୨ ଟଙ୍କା ଏବଂ ୯୩ ଅନ୍ୟାନ୍ୟ ଅପରାଧିକ ମାମଲା ଫଏସଲା କରାଯାଇ ୧ ହଜାର ଟଙ୍କା ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ଗୁଡ଼ିକ ମଧ୍ୟରୁ ୩୮ ଓ ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୧୫୫ଟି ମାମଲାର ମଧ୍ୟ ଫଏସଲା କରାଯାଇଛି।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ଝାମ୍ପିନେଲେ ମଙ୍ଗଳସୂତ୍ର

ଗୋପାଳପୁର,୯।୯ (ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ସନ୍ନିକଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରୁ ଏକ ବାଇକ ଦୁଇଜଣ ଯୁବକ ଜଣେ ମହିଳାଙ୍କ ବେକରୁ ୨ ତୋଳା ଓଜନର ମଙ୍ଗଳ ସୂତ୍ର ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଶ୍ରୀକାକୁଲମ ଜିଲା କାବଟି ଥାନା ଅନ୍ତର୍ଗତ ବାଇରୁଡୁ କଡୁରୁର କେ କଲ୍ୟାଣୀ ଓ ତାଙ୍କ ଭାଇ ବାଇକ୍‌ରେ ଗୋପାଳପୁର ଥାନା ଅନ୍ତର୍ଗତ ବକ୍ସିପଲ୍ଲିରୁ ଗ୍ରାମକୁ ଫେରୁଥିବା ବେଳେ କନିଷି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅଭିଯୁକ୍ତମାନେ ପଛପଟୁ ମହିଳାଙ୍କ ମଙ୍ଗଳସୂତ୍ର ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଏ ନେଇ ନଂ ୪୪୦/୨୩ରେ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁଇ ଯୁବକ ସୁନା ଝାମ୍ପିବା ପରେ ଛତ୍ରପୁର ରାସ୍ତାରେ ପଳାଇ ଯାଇଥିଲେ। ସେଠାରୁ ଯୁବକ ମାନେ ପୁଣିଥରେ ସୁନା ଝାମ୍ପିବା ସହ ଭୁବନେଶ୍ୱର ପଟକୁ ପଳାଇ ଯାଇଥିବା ପୋଲିସ ସୂଚନା ଦେଇଛି।

# ସରକାରୀ ହାଇସ୍କୁଲରେ ଖାଲି ପଡ଼ିଛି ୬୨୫ ଶିକ୍ଷକ ପଦବୀ

ବ୍ରହ୍ମପୁର,୯।୯(ସ୍ମୃତିରଞ୍ଜନ ମହାଲିକ)

ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ବାତାବରଣ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ମର୍ମରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ମାଧ୍ୟମରେ ହାଇସ୍କୁଲ ରୂପାନ୍ତୀକରଣ କରାଯାଉଛି। ଯାହାଦ୍ୱାରା ହାଇସ୍କୁଲଗୁଡିକରେ ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସରୁମ, ଉନ୍ନତ ଖେଳପଡିଆ, ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଉପଲବ୍ଧ ରହିଛି। ଯାହାଦ୍ୱାରା ଗରିବ ଛାତ୍ରୀଛାତ୍ରମାନେ ମଧ୍ୟ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଭଳି ସ୍ମାର୍ଟ ବିଦ୍ୟାଳୟରେ ପାଠ ପଢିବାରେ ସୁବିଧା ପାଇପାରୁଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ବିଦ୍ୟାଳୟର କେବଳ ଭିତ୍ତିଭୂମି ସଜଡା ଯାଉଥିବା ବେଳେ ବିଦ୍ୟାଳୟ ଗୁଡିକରେ ବର୍ତ୍ତମାନ ଶିକ୍ଷକ ଅଭାବ ଦେଖାଦେଇଛି। ଯାହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବାଧା ଉପୁଜୁଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ଅନ୍ୟପଟେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଶିକ୍ଷକ ନ ଥିବା କାରଣରୁ ଅନ୍ୟ ବିଷୟ ପଢାଉଥିବା ଶିକ୍ଷକ ଉକ୍ତ ବିଷୟରେ ପାଠ ପଢାଉଥିବା ଦେଖିବାକୁ ମିଳିଛି। ଫଳରେ ଛାତ୍ରୀଛାତ୍ରମାନେ ପାଠ ବୁଝିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏଣୁ ପ୍ରତ୍ୟେକ ବିଷୟ ପାଇଁ ଶିକ୍ଷକ ନିଯୁକ୍ତି ପାଇଁ ସଂଘ ଓ ଅଭିଭାବକ ମହଲରେ ଦାବି ହୋଇଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ଗଞ୍ଜାମ ଜିଲାରେ ୩୮୩ ସରକାରୀ ହାଇସ୍କୁଲରେ ବର୍ତ୍ତମାନ ୬୨୫ଟିଶିକ୍ଷକ ପଦବୀ ଖାଲି ପଡିଛି। ଏଥିମଧ୍ୟରୁ ପ୍ରଧାନ ଶିକ୍ଷକ (କ୍ଲାସ-୨) ୩୨ ଜଣଙ୍କ ମଧ୍ୟରୁ ୨୯, ସିନିୟର ଏସଇଏସ ପ୍ରଧାନ ଶିକ୍ଷକ ୩୫୨ ଜଣଙ୍କ ମଧ୍ୟରୁ ୨୫୧ ଜଣ ପ୍ରଧାନ ଶିକ୍ଷକ ରହିଛନ୍ତି। ସେହିଭଳି ଟିଜିଟି ଆର୍ଟସ ବିଭାଗରେ ୧୦୦୯ ମଧ୍ୟରୁ ୯୨୮, ଟିଜିଟି ପିସିଏମ ୪୭୦ରୁ ୩୮୦, ଟିଜିଟି ସିବିଜେଡ ୪୪୫ ମଧ୍ୟରୁ ୩୫୮, ହିନ୍ଦୀ ବିଷୟରେ ୩୩୮ରୁ ୨୩୧, କ୍ଲାସିକାଲରେ ୩୬୯ରୁ ୩୦୬, ପିଇଟି ଶିକ୍ଷକ ୩୩୬ରୁ ୨୪୩ ଶିକ୍ଷକ ପଦବୀ ଖାଲି ପଡିଛି। କେବଳ ତେଲୁଗୁ ବିଷୟରେ ୨୮ଜଣ ଶିକ୍ଷକ ରହିଥିବା ବେଳେ ୨୨ଜଣ ବ୍ଲକ ଶିକ୍ଷାଧିକାରୀ ରହିଥିବା ସୂଚନା ମିଳିଛି। ଏହି ୨ଟି ବିଭାଗରେ କୌଣସି ପଦବୀ ଖାଲି ନ ଥିବା ଜଣାପଡିଛି। ତେବେ ଜିଲାର ସରକାରୀ ହାଇସ୍କୁଲରେ ଏତେ ସଂଖ୍ୟକ ଶିକ୍ଷକ ଅଭାବ ନେଇ ଅଭିଭାବକ ମହଲରେ ଚିନ୍ତାର କାରଣ ପାଲଟିଛି। ଯଦି ବିଭିନ୍ନ ବିଭାଗରେ ଏତେ ସଂଖ୍ୟକ ଶିକ୍ଷକ ଅଭାବ ରହିଛି ତେବେ ହାଇସ୍କୁଲରେ ପାଠ ପଢା କିଭଳି ହେଉଥିବ ସେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଆଗାମୀ ଦିନରେ ଏଭଳି ଭାବେ ଶିକ୍ଷକ ଅଭାବୀ ସମସ୍ୟା ଲାଗି ରୁହେ, ତେବେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ବୋଲି ବହୁ ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି। ସେହିପରି ରାଜ୍ୟ ସରକାର ବିଦ୍ୟାଳୟର ଭିତ୍ତିଭୂମି ସଜାଡିବା ଦିଗରେ ତତ୍ପରତା ପ୍ରକାଶ କରୁଥିବା ବେଳେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ନେଇ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲାରେ ୪୨୭ ନୂତନ ଶିକ୍ଷକ ନିଯୁକ୍ତି ସୃଷ୍ଟି କରାଯାଇଛି। ଏଥିସହ ଅବସରପ୍ରାପ୍ତ ୨୪୦ ଜଣ ଅତିଥି ଶିକ୍ଷକଙ୍କୁ ଜିଲାରେ ଖାଲି ଥିବା ପଦବୀରେ ନିଯୁକ୍ତି ଦିଆଯିବ। ଏହି ଅତିଥି ଶିକ୍ଷକମାନେ ମାସକୁ ୧୨ ହଜାର ଟଙ୍କା ଦରମାରେ ଦିନକୁ ୩ଟି ପିରିୟଡ ପାଠ ପଢାଇବେ ବୋଲି ସେ କହିଛନ୍ତି। ଜିଲାରେ ବହୁ ଯୁବ ପିଢି ଶିକ୍ଷକତା ପାଇଁ ଓଟିଇଟି ଭଳି ପ୍ରବେଶିକା ପରୀକ୍ଷା ପାସ କରିଛନ୍ତି। ଏଣୁ ସେମାନଙ୍କୁ ଖାଲି ପଡିଥିବା ପଦବୀରେ ନିଯୁକ୍ତି ପ୍ରଦାନ ପାଇଁ ଗଞ୍ଜାମ ଜିଲା ଶିକ୍ଷକ ମହାସଂଘର ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା ଦାବି କରିଛନ୍ତି। ଏହାଦ୍ୱାର ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ହୋଇପାରିବ ବୋଲି ଉପଦେଷ୍ଟା ପଣ୍ଡା କହିଛନ୍ତି।



ସରକାରୀ ହାଇସ୍କୁଲ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ଶାନ୍ତନୁ


@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲାସ୍ତରୀୟ ବିଜ୍ଞାନ ସେମିନାର

ବ୍ରହ୍ମପୁର, ୯।୯ (ତନୁଶ୍ରୀ ନାହାକ)

ମେଡ଼ିକାଲ କ୍ୟାମ୍ପସ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶନିବାର ଜିଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ଼.ପ୍ରଭାତୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଡ଼.ହରିହର ମୁନି ଓ ଡ଼. ଦିଲିପ କୁମାର ପାତ୍ର ବିଚାରକ ଭାବେ ଯୋଗଦେଇଥିଲେ। ଗଞ୍ଜାମ ଜିଲାର ୨୨ଟି ବ୍ଲକରୁ ୨୨ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମିଲେଟ ଏ ସୁପର ଫୁଡ଼ ଓ ଡ଼ାଏଟ ଫ୍ୟାଡ଼ ଶୀର୍ଷକ ସେମିନାରରେ ପ୍ରଥମେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଶିବଶଙ୍କର ଭୋଗ ପ୍ରଥମ, ସାଇଶ୍ରୀ ପାଢ଼ୀ ଦ୍ୱିତୀୟ ଓ ରିତେଶ କୁମାର ଭୁୟାଁ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ପନ୍ନାଗ ଭୂଷଣ ମାଝୀ, ଟାଙ୍ଗଣାପଲ୍ଲୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଜିଲାସ୍ତରୀୟ ବିଜ୍ଞାନ ସେମିନାରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ୧୪୪୫ ମାମଲାର ଆପୋସ ବୁଝାମଣା



ବ୍ରହ୍ମପୁର,୯।୯(ସୁବାସ ଚନ୍ଦ୍ର ପାଢ଼ୀ)

### ରାଷ୍ଟ୍ରୀୟ ଲୋକ ଅଦାଲତ

ଜାତୀୟ ଆଇନସେବା ପ୍ରାଧୀକରଣ ନିର୍ଦ୍ଦେଶନୁସାରେ ଓଡିଶା ପ୍ରାଧୀକରଣ ସହଯୋଗରେ ଗଞ୍ଜାମ ଜିଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ଚଳିତବର୍ଷର ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧୀକରଣ ଅଧ୍ୟକ୍ଷ ରୂପଶ୍ରୀ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ୪ଟି ବେଞ୍ଚରେ ମୋଟ ୧୪୪୫ଟି ବିଭିନ୍ନପ୍ରକାର ମାମଲା ସମାଧାନ କରାଯାଇ ୮କୋଟି ୫୬ ଲକ୍ଷ ୬୬ହଜାର ୬୨୭ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଆଇନସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶ ପ୍ରକାରେ ଓ ରାଜ୍ୟ ଆଇନ ସେବା ପ୍ରାଧୀକରଣ ସହଯୋଗରେ ବ୍ରହ୍ମପୁର ସ୍ଥିତ ଜିଲା ଅଦାଲତ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ୧୦୭ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ସମାଧାନ କରାଯାଇ କ୍ଷତିପୂରଣ ବବାଦକୁ ୫ କୋଟି ୮୩ ଲକ୍ଷ ୪୬ ହାଜର ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଠାରେ ୪୫ଟି ଚେକ ବାଉନ୍ସ ମାମଲାର ବିଚାର କରାଯାଇ ୩୭ ଲକ୍ଷ ୩୬ ହଜାର ୯୨୬ ଟଙ୍କା ପୁନଃରୁଦ୍ଧାର କରାଯାଇଥିଲା। ଲୋକ ଅଦାଲତରେ ୮୧୮ଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋସ ବୁଝାମଣା କରାଯାଇଛି। ସେହିପରି ୨୮ଟି ବିବାହ ସମ୍ପର୍କିତ ମାମଲାର ବୁଝାମଣା କରାଯାଇଥିଲା। ୨୩୫ଟି ବ୍ୟାଙ୍କ ଲିଟିଗେସନ କେସର ସମାଧାନ ହୋଇ ୨କୋଟି ୧୪ଲକ୍ଷ ୫୬ ହଜାର ୯୪୬ ଟଙ୍କା ଆଦାୟ କରାଯାଇଛି। ସେହିପରି ଅନ୍ୟାନ୍ୟ ୯୦ଟି ଦେୱାନୀ ମାମଲାର ସମାଧାନ ହୋଇ ୨ଲକ୍ଷ ୭୪ ହଜାର ୪୩ ଟଙ୍କା ଆଦାୟ କରାଯାଇଛି। ସେହିପରି ୩୪ଟି କ୍ରିମିନାଲ କମ୍ପାଉଣ୍ଡବେଲ କେସର ସମାଧାନ କରାଯାଇଛି। ଲୋକ ଅଦାଲତରେ ଜିଲା ଜଜ ରୂପଶ୍ରୀ ଚୌଧୁରୀ, ଦ୍ୱିତୀୟ ଏମଏସିଟି ରାମଶଙ୍କର ହୋତା, ଅତିରିକ୍ତ ଜିଲା ଦୌରା ଜଜ(ଏଡିଜେ)-୧ ଡା. ଇନ୍ଦୁ ଶର୍ମା, ଏଡିଜେ-୨ ଆୟୁସ୍ମାନ ମହନ୍ତ, ଏଡିଜେ- ୩ ରାଜ କୁମାର ଦାଶ, ସିଭିଲ ରେଜିଷ୍ଟର ସୁଶାନ୍ତ କୁମାର ମିଶ୍ର ମୋଟର ଦୁର୍ଘଟଣା ମାମଲାର ସମାଧାନ ଅଂଶଗ୍ରହଣ କରିଥିଲେ। ଡିଏଲଏସଏ ସଚିବ ଦେବଶ୍ରୀ ସାହୁ ଏହାକୁ ପରିଚାଳନା କରିଥିଲେ। ଏଥିରେ ଜିଲାଜଜ କୋର୍ଟର ସମସ୍ତ ବିଚାରପତି ଏବଂ ଆଇନଜୀବୀ ଅଂଶଗ୍ରହଣ କରିଥିଲେ।

## ସମୁଦ୍ର ମୁହାଣରେ ଛାତ୍ର ନିଖୋଜ

ଗୋପାଳପୁର,୯।୯(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଅଧୀନ ସୁନାପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ସୁନାପୁର ବେଳାଭୂମିକୁ ଶନିବାର ସନ୍ଧ୍ୟାରେ ବୁଲିବାକୁ ଯାଇ ମୁହାଣରେ ଭିଟମ କଲେଜର ଜଣେ ବି-ଟେକ ଦ୍ୱିତୀୟ ବର୍ଷ ଛାତ୍ର ନିଖୋଜ ହୋଇଥିବା ଜଣାପଡିଛି। ସେ ହେଲେ ହିଞ୍ଜିଳିକାଟୁ ଅଞ୍ଚଳର ଶକ୍ତି ପ୍ରସାଦ ମହାରଣା। ସୂଚନା ଅନୁଯାୟୀ, ଗୋଳନ୍ଥରା ଥାନା ଅନ୍ତର୍ଗତ ଭିଟମ କଲେଜର ୭ଜଣ ଛାତ୍ର ଶନିବାର ସୁନାପୁର ବେଳାଭୂମି ବୁଲିବା ପାଇଁ ଯାଇଥିଲେ। ସମୁଦ୍ର ମୁହାଁଣରେ ଗାଧୋଉଥିବା ବେଳେ ଶକ୍ତି ପ୍ରସାଦ ହଠାତ ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇନଥିଲେ। ଏନେଇ ଛାତ୍ରମାନେ ସୁନାପୁର ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଓ କନିସି ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନଥିବା ଜଣାପଡିଛି।

## ନର୍ସିଂ ଅଫିସରଙ୍କ କଳାବ୍ୟାଜ ପରିଧାନ



ନର୍ସିଂ ଅଫିସରମାନେ କଳାବ୍ୟାଜ ପରିଧାନ କରିଛନ୍ତି।

ବ୍ରହ୍ମପୁର,୯।୯(ସୁବାସ ଚନ୍ଦ୍ର ପାଢ଼ୀ)

### ଦାବି ପୂରଣ ନହେଲେ ୧୭ରେ ଭୁବନେଶ୍ୱରରେ ଗଣ ବିକ୍ଷୋଭ

୧୨ ଦଫା ଦାବି ନେଇ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ନର୍ସିଂ ଅଫିସରମାନେ କଳା ବ୍ୟାଜ ପରିଧାନ କରିଛନ୍ତି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏଭଳି ଆନ୍ଦୋଳନ କରିବେ ଏବଂ ଦାବି ପୂରଣ ନ ହେଲେ ରାଜ୍ୟ ନର୍ସିଂ କର୍ମଚାରୀ ସଂଘର ନିଷ୍ପତ୍ତି ଅନୁଯାୟୀ ୧୭ ତାରିଖରେ ଭୁବନେଶ୍ୱର ପିଏମଜି ଛକରେ ଶାନ୍ତିପୂର୍ଣ୍ଣ ଭାବେ ଗଣବିକ୍ଷୋଭ କରାଯିବ ବୋଲି କହିଛନ୍ତି ସଂଘର ସଭାନେତ୍ରୀ କନକଲତା ଦାଶ ଏବଂ ସଂପାଦିକା ସୁପ୍ରଭା ବେହୁରା। ମେଡିକାଲ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନର୍ସିଂ ଅଫିସର ସଂଘର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ନିଜର ସମସ୍ୟାକୁ ବଖାଣିବା ସହ ସରକାରୀ ଉଦାସୀନତାର ପ୍ରତିବାଦ କରିଥିଲେ। ଏଥିରେ ରାଜ୍ୟ ନର୍ସିଂ ସଂଘର ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ଦାସ, ବ୍ରହ୍ମପୁର ନର୍ସିଂ ଅଫିସର ସଂଘର ଯୁଗ୍ମ ସମ୍ପାଦକ ସୁଜିତ ସିଂ, ମହେନ୍ଦ୍ର ଗମାଙ୍ଗ, କୋଷାଧ୍ୟକ୍ଷ ଅପର୍ଣ୍ଣା ଖୁଣ୍ଟିଆ, କାର୍ଯ୍ୟନିର୍ବାହୀ ସଦସ୍ୟ ସଞ୍ଜିତା ପାଢୀ, ବଳରାମ ପାରିଗା, ଅନୁଭବ ଦାଶ ପ୍ରମୁଖଙ୍କ ସମେତ ବହୁ ନର୍ସିଂ ଅଫିସର ସାମିଲ ହୋଇଥିଲେ।

## ବିଜେଡି ପକ୍ଷରୁ ସୂର୍ଯ୍ୟ ପାତ୍ରଙ୍କ ସ୍ମୃତିଚାରଣ

ବ୍ରହ୍ମପୁର,୯।୯ (ନରସିଂହ ସାହୁ)

ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ବିୟୋଗରେ ଶନିବାର ବ୍ରହ୍ମପୁରରେ ବିଜେଡି ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଥିଲା। ଗଜପତି ନଗରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି, କର୍ପୋରେଟର ସୁରେନ୍ଦ୍ର ମହାରଣା, ସମୀର ମିଶ୍ର, ଟି. କିଶୋର, ଜାମ୍ବୁଲା ଶ୍ରୀନୁ, ତିରୁପତି ପାତ୍ର, ସୋନାଲି ଗନ୍ତାୟତ, ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକଙ୍କ ସମେତ ଦଳର ଅନ୍ୟମାନେ ଯୋଗ ଦେଇଥିଲେ। ସମସ୍ତେ ସୂର୍ଯ୍ୟଙ୍କ ସ୍ମୃତିଚାରଣ ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାନଗର ବିଜେଡି ସଭାପତି ବିଜୟ ସାମଲ, ଯୁବ ବିଜେଡି ସଭାପତି ଅଜିତ ପଣ୍ଡା, ମଦନ ଦଳେଇଙ୍କ ସମେତ ସଂଗଠନର ଅନେକ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେଡି ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇଥିଲା। ରାଜ୍ୟ ସଂଗଠନର ନିର୍ଦ୍ଦେଶରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସଫଳ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟପକ୍ଷରେ ଆସନ୍ତା ୧୫ ତାରିଖରେ ମହାନଗରର ନିର୍ବାଚିତ ଦଳୀୟ କର୍ପୋରେଟରଙ୍କ ନେତୃତ୍ୱରେ ପ୍ରତି ୱାର୍ଡରୁ ୩ ଜଣ ଲେଖାଏଁ ଭୁବନେଶ୍ୱର ଶଙ୍ଖ ଭବନକୁ ଯିବାର ନିଷ୍ପତ୍ତି ନିଆଯାଇଛି। ସେଠାରେ ନିର୍ବାଚନ ସମ୍ପର୍କରେ ତାଲିମ ଦିଆଯିବ।

## ବିଜେଡି କର୍ମୀଙ୍କୁ ହତ୍ୟା କରି ନଦୀକୁ ଫିଙ୍ଗିଦେଲେ

ଶେରଗଡ, ୯।୯(ସୂର୍ଯ୍ୟନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ ବ୍ଲକ ଅନ୍ତର୍ଗତ ବାରସିଙ୍ଗି ପୋଲ ଉପରେ ଶନିବାର ଅପରାହ୍ନରେ ଜଣେ ଯୁବ ବିଜେଡି କର୍ମୀଙ୍କୁ ହତ୍ୟା କରାଯାଇଛି। ସେ ହେଲେ କୁମାର ପାଣି ଗ୍ରାମର ମଧୁସୂଦନ ବିଷୋୟୀ। ସେ ନିଜ ବାଇକରେ ସେହି ଗ୍ରାମର ଗ୍ରାମର କ୍ରୁଷ୍ଣ ନାୟକଙ୍କୁ ବସାଇ ନିଜ ଗ୍ରାମକୁ ଫେରୁଥିବା ବେଳେ ବାରସିଙ୍ଗି ପୋଲ ଉପରେ କେତେକ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ନନ୍ଦିନୀ ନଦୀକୁ ଫିଙ୍ଗି ଦେଇଥିଲେ। ଶେରଗଡ଼ ପୋଲିସ ଖବର ପାଇ ଏସଆଇ ସତ୍ୟଜିତ ବେଣିଆ ନନ୍ଦିନୀ ନଦୀରୁ ତାଙ୍କୁ ଉଦ୍ଧାର କରି ଶେରଗଡ ଡାକ୍ତର ଖାନାରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ରବିବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ତେବେ ବାଇକ ପଛରେ ବସିଥିବା କ୍ରୁଷ୍ଣ ନାୟକଙ୍କୁ ପୋଲିସ ଥାନରେ ଅଟକ ରଖିଛି। ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲ ଉପରେ ପଡିଥିବା ରକ୍ତ ନମୁନା ସଂଗ୍ରହ କରିବା ସହ ନିକଟସ୍ଥ ଏକ ଦୋକାନରୁ ସିସିଟିଭି ଫୁଟେଜ ସଂଗ୍ରହ କରିଛି।

## ଅଲ୍ ଇଣ୍ଡିଆ ଥିଏଟର କାଉନସିଲର ୨ ଦିନିଆ ରାଷ୍ଟ୍ରୀୟ ସମ୍ମିଳନୀ

ବ୍ରହ୍ମପୁର,୯।୯(ସ୍ମୃତି ରଞ୍ଜନ ମହାଲିକ)

ଅଲ ଇଣ୍ଡିଆ ଥିଏଟର କାଉନସିଲ ପକ୍ଷରୁ ୨ ଦିନିଆ ରାଷ୍ଟ୍ରୀୟ ସମ୍ମିଳନୀ ଶନିବାର ବ୍ରହ୍ମପୁର ଆଇଟିଆଇ ଅଡିଟୋରିୟମ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଉନସିଲର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରାଜ ଗୋପାଳ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇ ଗଞ୍ଜାମ ଜିଲା କଳା ସଂସ୍କୃତିର ମାଟି ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମ୍‌ସି ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା, ବରିଷ୍ଠ ନାଟ୍ୟକାର ଡା ତିରୁପତି ସାହୁ ଯୋଗ ଦେଇଥିଲେ। ବ୍ରହ୍ମପୁର ସହରର ବିଭିନ୍ନ ଅନୁଷ୍ଠାନ ସମେତ ପାତ୍ରପୁର ଶିଶୁ ବିକାଶ ବିଭାଗର ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜ କିଶୋର ପାଢୀ, ନାଟ୍ୟକାର ରମେଶ ମହାରଣା, ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଅନୀଲ କୁମାର ପାତ୍ର, କୈଳାସ ପାଣିଗ୍ରାହୀ ଓ ମଞ୍ଚ ପ୍ରତି ସମର୍ପିତ ରଙ୍ଗ କର୍ମୀ ଅଶୋକ କରଙ୍କୁ ରାଷ୍ଟ୍ରୀୟ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଶୋକ ମେହେରା, ଉପାଧ୍ୟକ୍ଷ ମହମ୍ମଦ ନିଜାମ, ରାଜେନ୍ଦ୍ର ପ୍ରସାଦ, ସୁନୀଲ ଦତ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟ ବୃନ୍ଦ।

## ଜିଲାରେ ସାଇବର ଠକଙ୍କ ଦୌରାତ୍ମ୍ୟ ବଢୁଛି

ବ୍ରହ୍ମପୁର,୯।୯(ସୁବାସ ଚନ୍ଦ୍ର ପାଢ଼ୀ)

### ଯୁବକଙ୍କ ଠାରୁ ନେଇଗଲେ ୧୯ ଲକ୍ଷ ଟଙ୍କା

ଜିଲାରେ ସାଇବର ଠକଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଗ୍ୟାଙ୍ଗ ଶିକ୍ଷିତ ବେକାର ଯୁବକ ଓ ଯୁବକଙ୍କୁ ତାଙ୍କ ଅଦୃଶ୍ୟ ଜାଲରେ ଫସାଉଛନ୍ତି। ଏହିଧାରାରେ ହିଞ୍ଜିଳିକାଟୁ ଅଞ୍ଚଳର ଜଣେ ଯୁବକ ସାଇବର ଠକଙ୍କ ଜାଲରେ ପଡ଼ି ଅନଲାଇନରେ ୧୯ଲକ୍ଷ ଟଙ୍କା ହରାଇଥିବା ଜଣାପଡିଛି। ଏନେଇ ସେ ସାଇବର ଓ ଅର୍ଥନୈତିକ ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ୨୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ହିଞ୍ଜିଳିକାଟୁ ଥାନା ମହୁଲପଲ୍ଲୀ ଅଞ୍ଚଳର ଦେବାଶିଷ ପଟ୍ଟନାୟକଙ୍କ ପାଖକୁ ଅଗଷ୍ଟ ୨୫ରେ ଏକ ଅଜଣା ନମ୍ବରରୁ ୱାଟସଆପ ମ୍ୟାସେଜ୍ ଆସିଥିଲା। ଆନ୍ୟା ପଟେଲ, ଏଲଭି ମିଡିଆ କମ୍ପାନୀର ଏଚ୍‌ଆର ବୋଲି ପରିଚୟ ଥିଲା। ଉକ୍ତ କମ୍ପାନୀ ୟୁ ଟ୍ୟୁବ୍ ଆଦି ସୋସିଆଲ ମିଡ଼ିଆର ପ୍ରମୋସନ୍ କରୁଥିବା ଏବଂ ଏକ ଲିଙ୍କ ରେ କ୍ଲିକ୍ କରି ଯୋଡି ହେବାକୁ ଦର୍ଶାଯାଇଥିଲା। ଦେବାଶିଷ ସେହି ଲିଙ୍କରେ କ୍ଲିକ୍ କରିବାରୁ ଅଂଶୁ ମେହେଟା ନାମରେ ଏକ ଟେଲିଗ୍ରାମ ଆପ୍‌ର ପ୍ରୋଫାଇଲ୍ ଖୋଲିଥିଲା। ସେହି ଆପରେ ୨୫ତାରିଖରେ ଏକ ଟ୍ୟୁବ୍ ଚାନେଲ୍ ସବସ୍କ୍ରାଇବ କରିବାକୁ ଦେବାଶିଷଙ୍କୁ ମ୍ୟାସେଜ ଆସିଲା। ସେ ତାହା କରିବାରୁ, ତାଙ୍କ ପାଖକୁ ୧୫୦ଟଙ୍କା ଆସିଲା। ପୁଣି ୨୬ ତାରିଖରେ ଆଉ କେତୋଟି ୟୁଟ୍ୟୁବ ଚ୍ୟାନେଲ ସବସ୍କ୍ରାଇବ କରିବାରୁ ତାଙ୍କ ପାଖକୁ ୩୨୦ଟଙ୍କା ଆସିଲା। ଏହାପରେ ସେହି ଆପରେ ଆସିଥିବା ନିର୍ଦ୍ଦେଶ ମୁତାବକ, ୧୦୦୦ଟଙ୍କା ସହ ନିଜ ଡ୍ରାଇଭିଂ ଲାଇସେନ୍ସ ଅପଲୋଡ଼ କରି ଏକ ଆକାଉଣ୍ଟ ଖୋଲିବାରୁ ୧୩୯୦ଟଙ୍କା ଫେରସ୍ତ ଆସିଥିଲା। ପୁଣି ସେହି ଆକାଉଣ୍ଟ ରେ ଯଥାକ୍ରମେ ୩୦୦୦ଟଙ୍କା, ୪୨୦୦ଟଙ୍କା ଡିପୋଜିଟ କରିବାରୁ ୯୩୮୩ଟଙ୍କା ଫେରସ୍ତ ଆସିଲା। ଦେବାଶିଷଙ୍କ ଏହା ଭିତରେ ସମ୍ପୂର୍ଣ୍ଣ ବିଶ୍ୱାସ ଜନ୍ମି ସାରିଥିଲା। ସେ ସାଇବର ଠକଙ୍କ ଜାଲରେ ପଡ଼ି ସାରିଥିଲେ। ଗତ ୨୮ ତାରିଖରେ ଅଂଶୁ ମେହେଟା ଦେବାଶିଷଙ୍କୁ ଏକ ୫ଜଣିଆ ଟେଲିଗ୍ରାମ ଗ୍ରୁପରେ ତାଙ୍କୁ ଆଡ୍ କରିଥିଲେ। ମୟଙ୍କ ନାମକ ଜଣେ ବ୍ୟକ୍ତି ସେହି ଗ୍ରୁପ କୋଅର୍ଡିନେଟର ଥିଲେ। ଅଂଶୁ ସେହି ଗ୍ରୁପରେ ଯେଉଁ ଆକାଉଣ୍ଟ ସେୟାର କରୁଛି, ସେଥିରେ ଯେତେ ଅଧିକ ଟଙ୍କା ବାଣ୍ଟିବ, ସେତେ ଅଧିକ ଲାଭ ମିଳିବ ବୋଲି ଦେବାଶିଷଙ୍କୁ ବୁଝାଇଥିଲେ। ସେ ସମ୍ପର୍କରେ ଉକ୍ତ ଗ୍ରୁପର ଅନ୍ୟ ଜଣେ ସଦସ୍ୟ ଏହା ପଚାରିବାରୁ ସେ ଦୁଇଟି ସ୍କ୍ରିନସର୍ଟ ସେୟାର କରି ଲକ୍ଷାଧିକ ଟଙ୍କା ଲାଭବାନ ହୋଇପାରିଥିବା ଦର୍ଶାଇଥିଲେ। ତେଣୁ ଦେବାଶିଷ ଅଧିକ ଲାଭ ଆଶାରେ ସେଇ ଗ୍ରୁପରେ ଅଂଶୁ ସେୟାର କରିଥିବା ବିଭିନ୍ନ ଆକାଉଣ୍ଟକୁ ୩୯ଥରରେ ମୋଟ ୧୯,୯୭,୫୭୨ଟଙ୍କା ପଠାଇଥିଲେ। ୨୪ଲକ୍ଷ ଟଙ୍କା ଫେରସ୍ତ ପାଇବେ ବୋଲି ଅଂଶୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଗତ ୬ତାରିଖରେ ସମସ୍ତ ଗ୍ରୁପରୁ ଦେବାଶିଷଙ୍କୁ ବାହାର କରି ତାଙ୍କର ଟେଲିଗ୍ରାମ କମ୍ୟୁନିକେସନ ବ୍ଲକ କରିଦିଆଯାଇଥିଲା। ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇ ଶେଷରେ ଦେବାଶିଷ ସାଇବର ଓ ଅର୍ଥନୈତିକ ଅପରାଧ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

